# ପୁଣି ୨ ବାଘ ଛାଲ ଜବତ, ୨ ଗିରଫ

ବ୍ରହ୍ମପୁର,୭ ।୬(ସମିସ):



ଜରଡ଼ା ଥାନା ପୁଲିସ ପୁଣି ଏକ ବନ୍ୟପ୍ରାଣୀ ଚୋରାଚାଲାଣ ରାକେଟର ପର୍ଦ୍ଦାଫାଶ କରି ୨ଟି ପୂର୍ଣ୍ଣ ଆକାରର ଚିତାବାଘ ଚମଡ଼ା ବା ଛାଲକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ କେଶବ ଜମାଦାର (୩୪) ଓ ବୀରା ଜମାଦାର (୪୫) । ସୂଚନାଯୋଗ୍ୟ ଯେ, ଚିକିଟି ଏସଡ଼ିପିଓ ବି.ଏମ. ହରପାଲ ଓ ଜରଡ଼ା ଥାନା ଇନ୍ସପେକ୍ଟର ମିନାକ୍ଷୀ ଦଳବେହେରା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉପର ବୁରାତାଲ ଅଞ୍ଚଳରେ ଚଢ଼ାଉ କରିଥିଲେ । ପାହାଡ଼ିଆ ଜଙ୍ଗଲରେ ଦୁଇଜଣ ସନ୍ଦିଗ୍ଧଙ୍କୁ ଦେଖି ପୁଲିସ ଟିମ ସେମାନଙ୍କ ପିଛା କରିଥିଲା । ଖସି ପଳାଇବାକୁ ଉଦ୍ୟମ କରି ଅଭିଯୁକ୍ତମାନେ ପୁଲିସକୁ ଠେଲାପେଲା କରିବା ସହ ଜଣେ ଖଣ୍ଡା ଦେଖାଇ ଧମକ ଦେଇଥିଲା । ତେବେ ପୁଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ଘଟଣାସ୍ଥଳରୁ ଦୁଇଟି ବସ୍ତାରେ ଗଚ୍ଛିତ ଥିବା ଦୁଇଟି ଚିତାବାଘ ଚମଡ଼ାକୁ ପୁଲିସ ଜବତ କରିଥିଲା । ତଲାସି ସମୟରେ କେଶବ ଜମାଦାର ଠାରୁ ଦୁଇଟି ଜୀବନ୍ତ ହାତତିଆରି ବୋମା ଏବଂ ବୀରା ଜମାଦାର ଠାରୁ ଏକ ଖଣ୍ଡା ଜବତ କରାଯାଇଥିଲା । ଅଭିଯୁକ୍ତମାନେ ଏହି ସାମଗ୍ରୀ ରଖିବା ପାଇଁ କୌଣସି ବୈଧ ଅନୁମତିପତ୍ର ଦେଖାଇ ପାରିନଥିଲେ । ଘଟଣାକୁ ନେଇ ଜରଡା ଥାନାରେ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି । ଗିରଫ ଦୁଇ ଅଭିଯୁକ୍ତ କେଶବ ଜମାଦାର (୩୪) ଓ ବୀରା ଜମାଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ପ୍ରକାଶ ଥାଉକି ଗତ ମେ ମାସରେ ଚିତାବାଘ(କଲରା ପତରିଆ) ଚମଡ଼ା ଜବତ ଘଟଣାରେ ଜରଡ଼ା ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛି । ସେମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବରଡ ଗାଁର ଗଞ୍ଜୁ ରଇତ (୬୦) ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି (୨୫) । ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଚିତାବାଘ ଚମଡ଼ା, ଦୁଇଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଛୁରୀ ଓ ଲୁହା ରଡ଼କୁ ପୁଲିସ ଜବତ କରିଥିବା ବେଳେ ଆଜି ପୁଣି ଚିତାବାଘ ଚମଡ଼ା ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

## ଟ୍ରେନ୍‌ରୁ ଖସି ଯୁବକ ମୃତ



ଦିଗପହଣ୍ଡି,୭।୬(ସମିସ): ଦିଗପହଣ୍ଡି ବ୍ଲକ୍ ଆଙ୍କୋରଡ଼ା ପଞ୍ଚାୟତ ଚାଞ୍ଚଡ଼ାପଲ୍ଲୀ ଗ୍ରାମ ପଶ୍ଚିମ ସାହିର କେଦାର ଜେନାଙ୍କ ସାନ ପୁଅ ସାଗର ଜେନା(୨୨) ବ୍ରହ୍ମପୁର ଷ୍ଟେସନରେ ଟ୍ରେନ୍‌ରୁ ଖସି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ବ୍ରହ୍ମପୁର ରେଲୱେ ପୁଲିସ ମୃତଦେହ ଜବତ କରି ରବିବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଅପରାହ୍ଣରେ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଶନିବାର ଅପରାହ୍ଣରେ ସାଗର ଦାଦନ ଶ୍ରମିକ ଭାବେ ଚେନ୍ନାଇ ଯାଉଥିଲେ । ସେ ଭୁଲବଶତଃ ଅନ୍ୟ ଏକ ଟ୍ରେନ୍‌କୁ ଚଢ଼ି ଯାଇଥିଲେ । ପରେ ନିଜ ଭୁଲ ଜାଣିପାରି ଟ୍ରେନ୍‌ରୁ ଓହ୍ଲାଇବା ବେଳେ ଟ୍ରେନ ଛାଡି ଦେଇଥିଲା । ଗୋଡ଼ ଖସିଯିବାରୁ ସେ ଟ୍ରେନ ଲାଇନରେ ଖସିପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ବ୍ରହ୍ମପୁର ଜିଆରପି ପୁଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ଦିଗପହଣ୍ଡି ଥାନା ଓ ତାଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ । ପରିବାର ଓ ସମ୍ପର୍କୀୟ ଲୋକେ ପହଞ୍ଚିବା ବେଳେ ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନଥିଲା । ରବିବାର ସକାଳେ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା ।

## ବିଶ୍ୱଶାନ୍ତି ବାସୁଦେବ ଯଜ୍ଞ



ବ୍ରହ୍ମପୁର,୭ ।୬(ସମିସ): ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିର ଛକ ନିକଟରେ ଥିବା ବାବା କାଶୀବିଶ୍ୱନାଥ ମନ୍ଦିର ପରିସରରେ 'ବାସୁଦେବ ଯଜ୍ଞ' ଅନୁଷ୍ଠିତ ହୋଇଯାଇଛି । ଯାହାକୁ ନେଇ ରେଶମ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା, ହୋମ ଯଜ୍ଞାଦି କାର୍ଯ୍ୟକ୍ରମରେ ସହର ତଥା ଉପକଣ୍ଠର ବହୁ ଗୁଣୀ ଓ ଜ୍ଞାନୀ ଯୋଗ ଦେଇଥିଲେ । ପ୍ରଭୁ ବିଶ୍ୱନାଥଙ୍କ ମନ୍ଦିରରେ ରୁଦ୍ରାଭିଷେକ, ସହସ୍ର ବିଲ୍ୱାର୍ଚ୍ଚନ, ଚଣ୍ଡୀପାଠ ଏବଂ ଭଗବତ ଗୀତା ପାରାୟଣ କରାଯିବା ସହ ବାସୁଦେବ ମନ୍ତ୍ରରେ ଆହୁତି ଦିଆଯାଇ ହୋମକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଯଜ୍ଞର ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ଯେ, ଉପସ୍ଥିତ ବ୍ରାହ୍ମଣମାନେ ନିଜସ୍ୱ-ଅର୍ଜିତ ଧନ ବିନିଯୋଗରେ ଏହି ମହତ ଯଜ୍ଞର ଆୟୋଜନ କରିଥିଲେ । ଯାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏଥିରେ ବାବୁଲା ଷଡ଼ଙ୍ଗୀ, ଉମାକାନ୍ତ ରଥ, ବିଭୁ ନନ୍ଦନ ପଣ୍ଡା, ସୁଧାଂଶୁ ଶେଖର କର, ଅରୁଣ ଶତପଥୀ, ଦୁର୍ଗା ମାଧବ ରଥ, ଗୋପାଳ ତ୍ରିପାଠୀ, କୁନା ଶତପଥୀ, ଶୁଭମ ପଣ୍ଡା, ଘନଶ୍ୟାମ ତ୍ରିପାଠୀ, ରାମକୃଷ୍ଣ ଷଡ଼ଙ୍ଗୀ, ଗୋବିନ୍ଦ ଦାଶ, ଯଜ୍ଞ ନାରାୟଣ ରଥ, ରବୀନ୍ଦ୍ର ସାହୁ, କାଳୁଚରଣ ଦାଶ, ଦୁର୍ଗା ମିଶ୍ର ଓ ବିଭୁତି ଭୂଷଣ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ସାମିଲ ଥିଲେ । ଯଜ୍ଞର ପୂର୍ଣ୍ଣାହୁତି ପରେ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ପ୍ରସାଦ ସେବନ କରିବା ସହ ବାବା କାଶୀବିଶ୍ୱନାଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ଆସିକା ହେଡ୍ ପୋଷ୍ଟ ଅଫିସରେ ଅଗ୍ନିକାଣ୍ଡ

ଆସିକା,୭।୬(ସମିସ): ରବିବାର ଅପରାହ୍ଣରେ ଆସିକା ସହରର ହାଟପଦାସ୍ଥିତ ହେଡ୍ ପୋଷ୍ଟ ଅଫିସର ଉପର ମହଲାରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡ ଫଳରେ ଅଫିସର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି । ଏଥିସହ ବହୁ ନଥି ଓ କମ୍ପ୍ୟୁଟର ମଧ୍ୟ ଜଳିଯାଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିଲେ ହେଁ ବିଦ୍ୟୁତ୍ ସର୍ଟସର୍କିଟରୁ ଲାଗିଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ଚାରୋଟି ଅଗ୍ନିଶମ ଗାଡ଼ି ସହ ଅଧିକାରୀମାନେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ଲାଗିଥିଲେ । ଆସିକା, ଶେରଗଡ଼, କବିସୂର୍ଯ୍ୟନଗର ଓ ଧରାକୋଟରୁ ଆସିଥିବା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଦୀର୍ଘ ସମୟର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡ ପରେ ଏହି ପୋଷ୍ଟ ଅଫିସ୍ ଅଧୀନରେ ଥିବା ଗ୍ରାହକ ସେମାନଙ୍କ କାଗଜପତ୍ରର ସୁରକ୍ଷା ନେଇ ଆଶଙ୍କାରେ ରହିଛନ୍ତି । ଘଟଣାସ୍ଥଳରେ ଆସିକା ଏସ୍‌ଡିପିଓ, ଆସିକା ଥାନା ଅଧିକାରୀ, ପୋଷ୍ଟ ଅଫିସ ସୁପେରିଟେଣ୍ଡେଣ୍ଟ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି । ତେବେ ହେଡ୍ ପୋଷ୍ଟ ଅଫିସର କ'ଣ ସବୁ କ୍ଷୟକ୍ଷତି ହୋଇଛି ତାହାର ଆକଳନ ହୋଇ ନଥିଲେ ମଧ୍ୟ ଲୋକଙ୍କ ସଞ୍ଚୟ ଖାତା ଠାରୁ ଆରମ୍ଭ କରି ଜରୁରୀ କାଗଜପତ୍ର ସହ କମ୍ପ୍ୟୁଟର ଓ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇ ଯାଇଥିବା ଦେଖିବାକୁ ମିଳିଛି ।



## ନାରୀ ଅଧିକାର ପାଇଁ ଆସିକାରେ ଗର୍ଜିଲା ବିଜେଡି



ଆସିକା,୭।୬(ସମିସ): ଗଞ୍ଜାମ ଜିଲ୍ଲା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଗହଙ୍ଗୁ ଶିବ ମନ୍ଦିର ଠାରୁ ବିଜେଡି ଦଳ ପକ୍ଷରୁ ନାରୀ ଅଭିଯାନ ରାଲି ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ସରପଞ୍ଚ, ସମିତି ସଭ୍ୟ, ବିଜେଡି ଛାମୁଆ ନେତା, ଯୁବ ଛାତ୍ର ଓ ବିଜୁ ପ୍ରେମୀଙ୍କ ସମେତ ହଜାର ହଜାର ମହିଳା ଏକତ୍ରିତ ହୋଇ ଏହି ରାଲିରେ ସାମିଲ ହୋଇଥିଲେ । ନାରୀ ଅଧିକାର ପାଇଁ ନାନା ସ୍ଲୋଗାନ ଦେବା ସହ ଏହି ବିଲ ପାଳନ ନ କରିବା ପାଇଁ ବିଜେପି ସରକାର କୁଚକ୍ରାନ୍ତ କରିଛି ବୋଲି ସିଧାସଳଖ ଆରୋପ କରିଛି ବିଜେଡି । ଏହି ରାଲିରେ ବ୍ରହ୍ମପୁର ବିଜେଡି ମେୟର ସଙ୍ଘମିତ୍ରା ଦଳାଇ, ଆସିକା ପୂର୍ବତନ ବିଜେଡି ସାଂସଦ ପ୍ରମିଳା ବିଷୋୟୀ, ସାଂସଦ ପ୍ରାର୍ଥୀ ରଂଜିତା ସାହୁ, ସୁବାସ ମହାରଣାଙ୍କ ସହ ଅନ୍ୟ ତୁଙ୍ଗ ନେତାମାନେ ବି ଉପସ୍ଥିତ ଥିଲେ । ଡବଲ ଇଞ୍ଜିନ ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ଯେଉଁଭଳି ଭାବେ ଭୋଟ ନେଇ ଲୋକଙ୍କୁ ଭୁଆଁ ବୁଲାଉଛି ଆଗାମୀ ପଞ୍ଚାୟତ ନିର୍ବାଚନରେ ମହିଳାମାନେ ଉଚିତ ଜବାବ ଦେବେ ବୋଲି ମଞ୍ଚାସୀନ ଅତିଥି ଭାବେ ମତ ପ୍ରକାଶ ରଖିଥିଲେ । ଏହି ନାରୀ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ କୁମାର ପାଣିଗ୍ରାହୀ, ବିଜେଡି ନେତା ଟୁଟୁ ମଲିକ, ଅନୀଲ ନାୟକ, ଜିତେନ୍ଦ୍ର ମହାରଣା, ଜୟସେନ ସ୍ୱାଇଁ, ଜୟନ୍ତୀ ବେହେରା, ସନ୍ତୋଷ ନାୟକ, ଅମୂଲ୍ୟ ଉପାଧ୍ୟାୟ, ରଶ୍ମିତା ସେନାପତି, ଗହଙ୍ଗୁ ସରପଞ୍ଚ ମନୋଜ ପରିଡ଼ାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ଶିଶୁଯୋଗ ଶିବିର ଉଦ୍‌ଯାପିତ



ବ୍ରହ୍ମପୁର,୭ ।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ, ଗଞ୍ଜାମ ଜିଲ୍ଲା ଅଧୀନସ୍ଥ ଆମ୍ବପୁଆ ସ୍ଥିତ ବିବେକ ବିହାର ମହିଳା ଯୋଗକେନ୍ଦ୍ର ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ଶିଶୁଯୋଗ ଶିବିର ରବିବାର ବିବେକ ବିହାର ଶିଶୁ ଉଦ୍ୟାନ ପରିସରରେ ଉଦଯାପିତ ହୋଇଯାଇଛି । କେନ୍ଦ୍ର ପ୍ରମୁଖ ରଞ୍ଜିତା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ଯୋଗ ସଂସ୍ଥାନ, ଗଞ୍ଜାମ ଜିଲ୍ଲା ସଭାପତି ଇଂ. ବି. ବଳରାମ, ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଓ ଶିକ୍ଷାବିତ ବିଦ୍ୟାସିନ ପଟ୍ଟନାୟକ, ବରିଷ୍ଠ ଶିକ୍ଷାବିତ ପ୍ରଫେସର ବି. ଏନ୍. ବେହେରା, ଭାରତୀୟ ଯୋଗ ସଂସ୍ଥାନର ବିଶିଷ୍ଟ ଯୋଗଗୁରୁ ଓ ଜିଲ୍ଲା ମନ୍ତ୍ରୀ ଇଂ. ରୋହିତ କୁମାର ସେଠୀ ଏବଂ ଜିଲ୍ଲା ସଂଗଠନ ପ୍ରମୁଖ ରମେଶ ଚନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଆମ୍ବପୁଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୁରେଶ ଜେନା ଅତିଥି ପରିଚୟ ପ୍ରଦାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ । ପରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନା ମାଧ୍ୟମରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଗଞ୍ଜାମ କଳା ପରିଷଦର ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ ଏକ ସୁମଧୁର ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ । ଶିବିରରେ ପ୍ରଶିକ୍ଷଣ ପ୍ରାପ୍ତ ବାଳକ ଓ ବାଳିକାଙ୍କ ଦ୍ୱାରା ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଯୋଗକ୍ରିୟା ପ୍ରଦର୍ଶିତ କରିଥିଲେ । ଶ୍ରେୟାଂଶୁ ବେହେରା ନିଜର ଯୋଗ ଅନୁଭୂତି ବ୍ୟକ୍ତ କରିଥିଲେ । ଭାରତୀୟ ଯୋଗ ସଂସ୍ଥାନ, ଗଞ୍ଜାମ ଜିଲ୍ଲା ଅଧୀନରେ ପ୍ରଥମ ଥର ପାଇଁ ଏଭଳି ଏକ ସପ୍ତାହ ବ୍ୟାପୀ ଶିଶୁଯୋଗ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା । ଶେଷରେ ଶିବିରାର୍ଥିଙ୍କୁ ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଇଂ. ଅପୂର୍ବ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଲଭ୍, ସେକ୍ସ୍ ଓ ଧୋକା

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ; ବନ୍ଧାହେଲେ ଅଭିଯୁକ୍ତ

ଦିଗପହଣ୍ଡି,୭।୬(ସମିସ): ଦିଗପହଣ୍ଡି ଥାନା ଅଞ୍ଚଳର ଏକ ଗାଁରେ ଜଣେ ଯୁବତୀଙ୍କୁ ଜନୈକ ଯୁବକ ପ୍ରଥମେ ଲଭ୍, ସେକ୍ସ୍ କରିବା ପରେ ତାଙ୍କୁ ଧୋକା ଦେଇଥିବା ଅଭିଯୋଗ ହୋଇଛି । ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ଧୋକା ଦେଇଥିବା ନେଇ ଯୁବତୀ ଜଣକ ଥାନାର ଜଣେ ମହିଳା ଅଧିକାରୀଙ୍କ ନିକଟରେ ବୟାନ ଦେଇଛନ୍ତି । ଅଭିଯୁକ୍ତ ଯୁବକ ଜଣକ ହେଲେ ଆର୍. ମିଟୁ । ୧୯ ବର୍ଷୀୟା ପ୍ରତାରିତା ଯୁବତୀ ଜଣକ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ । ମାମଲା ନଂ.୨୪୨/୨୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ମକଦ୍ଦମା ରୁଜୁ କରିଥିଲେ । ପ୍ରାୟ ୫ ବର୍ଷ ହେଲା ମିଟୁ ଯୁବତୀଙ୍କୁ ଭଲ ପାଉଥିଲେ । ବିବାହର ପ୍ରତିଶ୍ରୁତି ଦେଇ ସେ ଅନେକ ଥର ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ କିଛିଦିନ ହେଲା ଅଭିଯୁକ୍ତ ଜଣକ ଯୁବତୀଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିବା ପରେ ପଚାରିବାରୁ ସେ ତାଙ୍କୁ ବିବାହ କରିବାକୁ ରୋକ୍ ଠୋକ୍ ମନା କରି ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି । ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା । ରବିବାର ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅପରାହ୍ଣରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଇବା ପରେ ବ୍ରହ୍ମପୁର କୋର୍ଟକୁ ଚାଲାଣ କରିଥିଲେ । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି ।

## ଆସିକା ବିଧାୟକଙ୍କୁ ଘେରିଲେ ସୁବୁଲିୟା ଗ୍ରାମର ମହିଳା



କବିସୂର୍ଯ୍ୟନଗର,୭।୬(ସମିସ): ପାନୀୟ ଜଳ ସମସ୍ୟାକୁ ନେଇ ସୁବଲିଆ ଗ୍ରାମର ମହିଳାମାନେ ମାଠିଆ ରଖି ରାସ୍ତା ରୋକ କରିବା ସହ ଆସିକା ବିଧାୟକ ସରୋଜ ପାଢ଼ୀଙ୍କୁ ଘେରିଥିଲେ । ଏ ନେଇ ବାରମ୍ବାର ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନ ଥିଲା । ରବିବାର ଗ୍ରାମର ମହିଳାମାନେ ବିଧାୟକଙ୍କ ଗସ୍ତ ସୂଚନା ପାଇ ଘେରିଥିଲେ । ପରେ ବିଧାୟକ ଓ ନେତୃବୃନ୍ଦ ସୁବଳୟାର ମୃତକ ଘରେ ପହଞ୍ଚି ସରକାରୀ ସହାୟତା, ପରିବାରକୁ ନ୍ୟାୟ ପ୍ରଦାନ କରିବେ ବୋଲି କଥା ଦେଇଥିଲେ । ଆସିକା ବିଧାୟକଙ୍କ ସହ ପାଇକ ଯମୁନା ସରପଞ୍ଚ ସତ୍ୟବାନ ସାହୁ, ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଁ ଗାଁରେ ବ୍ୟାପୁଛି ଥଣ୍ଡା, ଜ୍ୱର

ଭଞ୍ଜନଗର,୭।୬(ସମିସ): ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଗ୍ରାମରେ ଏବେ ଥଣ୍ଡା, ଜ୍ୱର ଓ କାଶ ରୋଗ ବ୍ୟାପିବାରେ ଲାଗିଛି । ଏଥିସହ ମୁଣ୍ଡବିନ୍ଧା ବି ଲାଗି ରହୁଛି । ଔଷଧ ଖାଇଲେ ଦୁଇ ତିନି ଦିନରେ ଜ୍ୱର ଛାଡ଼ିଯାଉଛି । ତା ପରେ ଆରମ୍ଭ ହେଉଛି କାଶ । ଏଭଳି ଭାଇରାଲ ରୋଗକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ଲାଗୁଛି । ଗତ ଦୁଇ ସପ୍ତାହ ହେଲା ଉପଖଣ୍ଡର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଆକସ୍ମିକ ପାଣିପାଗ ପରିବର୍ତ୍ତନ ଏବଂ ଗରମ ସମୟରେ ଥଣ୍ଡା ପାଣି ପିଇବା ଯୋଗୁଁ ଏଭଳି ସ୍ଥିତି ଦେଖାଦେଇଥିବା ଡାକ୍ତର କହିଛନ୍ତି । ତେବେ ଏଥିରେ ଭୟଭୀତ ନହୋଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରନ୍ତୁ, ଜର ଏବଂ କାଶ ଭଲ ହୋଇଯିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି ।

ଗତ କିଛି ଦିନ ହେବ ଚାରିଆଡ଼େ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିଲା । ତାତି ୪୦ ଡିଗ୍ରୀ ଟପିଥିଲା । ହଠାତ କାଳବୈଶାଖୀ ବର୍ଷା, ପବନ ଯୋଗୁଁ ପାଣି ପାଗ ପରିବର୍ତ୍ତନ ହେଲା । ସପ୍ତାହେରୁ ଅଧିକ ସମୟ ଧରି ଏଭଳି ପାଗ ଲାଗି ରହିବା ଦ୍ୱାରା ଏବେ ସବୁଠି ଭାଇରାଲ ଜ୍ୱର ହେଉଥିବା କୁହାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଥିବା ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସାଧିକାରୀ ଡା.ଗୋବିନ୍ଦ ଚନ୍ଦ୍ର ମହାପାତ୍ର କହିଛନ୍ତି । ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ପିଲାମାନଙ୍କୁ ବାହାର ଖାଦ୍ୟ ଓ ଅଧିକ ଥଣ୍ଡା ପାନୀୟ ଠାରୁ ଦୂରେଇ ରଖିବା ଜରୁରି ବୋଲି କହିଛନ୍ତି ଡା. ମହାପାତ୍ର ।

## ପିକ୍‌ଅପ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଭଞ୍ଜନଗର,୭।୬ (ସମିସ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଫୁଲବାଣୀ ରାସ୍ତାର ସୋରଦେବୀ ମନ୍ଦିର ନିକଟରେ ରବିବାର ମଧ୍ୟାହ୍ନରେ ବୋଲେରୋ-ପିକଅପ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ନିକଟସ୍ଥ ଗଣ୍ଡିଶୁଳା ଗ୍ରାମର ଭାସ୍କର ଦଳେଇ ବୋଲି ଜଣାପଡ଼ିଛି । ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି । ଭାସ୍କର ରବିବାର କୌଣସି ଏକ କାମରେ ଭଞ୍ଜନଗର ଯାଇ ଘରକୁ ଫେରୁଥିଲେ । ଏହି ସମୟରେ ଫୁଲବାଣୀ ପଟୁ ଆସୁଥିବା ଏକ ବୋଲେରୋ ପିକଅପ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଭାସ୍କର ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଓପିଏସ୍‌ସି ପ୍ରିଲିମ୍ସ : ବ୍ରହ୍ମପୁରର ୧୫କେନ୍ଦ୍ରରେ ୬୪୭୨ ପରୀକ୍ଷାର୍ଥୀ

ବ୍ରହ୍ମପୁର,୭ ।୬(ସମିସ):



ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓପିଏସସି) ପ୍ରିଲିମିନାରୀ ପରୀକ୍ଷା ରବିବାର ବ୍ରହ୍ମପୁର ସହରର ୧୫ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ସିଫ୍ଟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ବ୍ରହ୍ମପୁର ଜୋନ୍‌ରେ ମୋଟ ୬,୪୭୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସ୍ଥାନୀୟ ୟୁସିପି ଇଞ୍ଜିନିୟରିଂ ସ୍କୁଲ, ଭି.ଭି.ଗିରି ବାଳିକା ଉଚ୍ଚବିଦ୍ୟାଳୟ, ଶଶିଭୂଷଣ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ପଲିଟେକ୍‌ନିକ୍, ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ, ଏସଏସ୍‌ଭିଏମ୍ ବାସୁଦେବ ନଗର, ଏସ୍‌ଏସ୍‌ଭିଏମ୍ ଗଜପତି ନଗର, ଏସ୍‌ଏସ୍‌ଭିଏମ୍ ରାମହରି ନଗର, ସରକାରୀ ଉଚ୍ଚ ବିଦ୍ୟାଳୟ ମେଡ଼ିକାଲ କ୍ୟାମ୍ପସ, ଏସଏଲ୍‌ଏନ୍ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ସେଣ୍ଟ ଜାଭିୟର ସ୍କୁଲ ମୀନାକ୍ଷୀ ନଗର ଓ ଆମ୍ବପୁଆ, କେସି ପବ୍ଲିକ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର-୨ରେ ପରୀକ୍ଷା କେନ୍ଦ୍ର ହୋଇଥିଲା । ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିଲା । ପରୀକ୍ଷାକୁ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ୫ଟି ଥାନାର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା । ଏଥିସହିତ ପରୀକ୍ଷାର୍ଥୀଙ୍କ ଯାଞ୍ଚ ପାଇଁ ଆବଶ୍ୟକତା ଅନୁଯାୟୀ ବିଭିନ୍ନ କେନ୍ଦ୍ରରେ ମହିଳା କନଷ୍ଟେବଳଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଥିଲା । ପରୀକ୍ଷା ସମୟରେ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମ, ଅତିରିକ୍ତ ଏସପି ଆଲୋକ ଜେନା ଏବଂ ସମସ୍ତ ଏସଡିପିଓଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ ।

### ପରୀକ୍ଷା କେନ୍ଦ୍ର ବୁଲି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଏସ୍‌ପି

